# ଉପ-ଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,(ଦେବୋତ୍ତର,ପାଟଣାଗଡ)

ପତ୍ରସଂଖ୍ୟା ୧୧୬୧ତା. ୧୨-୪-୨୦୨୨

## ନିଲାମ ବିଜ୍ଞାପନ

ଏତଦ୍ଵାରା ଏହି ବିଜ୍ଞାପନ ମାଧ୍ୟମରେ ସମସ୍ତ ଙ୍କୁ ସୂଚିତ କରିଦିଆଯାଉଛି ଯେ, ହରିଶଙ୍କର ମନ୍ଦିରର ସୁପରିଚାଳନା ନିମନ୍ତେ ନିମ୍ନ ଲିଖିତ ଉତ୍ସ ଗୁଡିକର 2022-23 ଆର୍ଥିକ ବର୍ଷ ପାଇଁ ନିଲାମ କରାଯିବ । ନିଲାମ ପ୍ରକ୍ରିୟାରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ନିମ୍ନମତେ ଧାର୍ଯ୍ୟ କରାଯାଇଥିବା ସରକାରୀ ମୂଲ୍ୟର 10% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାର ରେ ନିମ୍ନ ସ୍ଵାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ ଉଦ୍ଦିଷ୍ଟ ଥିବା ଜଉମୁଦ ଟେଣ୍ଡର ବାକ୍ସରେ ତ.13.04.2022 ଠାରୁ ତା . 27.04.2022 ଅପରାହ୍ନ 1.00 ଘଟିକା ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟଦିବସ ରେ ପକାଇପାରିବେ । ଇଚ୍ଛୁକ ବ୍ୟକ୍ତି ମାନେ ନିର୍ଦ୍ଧାରିତ ଟେଣ୍ଡର ଫାରମଟି ଉପଜିଲ୍ଲାପାଳ ପାଟଣାଗଡ ଙ୍କ ଠାରେ ଉପସ୍ଥିତ ଥିବା ପାଟଣାଗଡ ଦେବୋତ୍ତର ଶାଖା ଠାରୁ ପାଇ ପାରିବେ, ଓ ଡିମାଣ୍ଡ ଡ୍ରାଫ୍ଟକୁ ଟେଣ୍ଡର ପେପର ସହ ସଂଲଗ୍ନ କରି ଟେଣ୍ଡର ବାକ୍ସ ରେ ପକାଇବେ । ପ୍ରକାଶ ଥାଉକି ଉକ୍ତ ଡିମାଣ୍ଡ ଡ୍ରାଫ୍ଟଟି Sub-Collector-Cum-Executive Officer,Devottar,Patnagarh ଙ୍କ ନାମରେ ହେବା ସହିତ SBI, Patnagarh ମୁଖ୍ୟ ଶାଖା ଠାରେ ପଇଠ ପାଇଁ ଉଲ୍ଲେଖ କରାଯିବ ।ସମସ୍ତ ଜଉମୁଦ ଟେଣ୍ଡର ଗୁଡିକ ତା. 28.04.2022 ପୂର୍ବାହ୍ନ 11.00ଘଟିକା ସମୟରେ ନିମ୍ନସ୍ଵାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ ଖୋଲାହେବ । ଯେଉଁ ବ୍ୟକ୍ତିମାନେ ଟେଣ୍ଡର ପକାଇବେ ଓ ଉପରୋକ୍ତ ଉତ୍ସ ଗୁଡିକର ନିଲାମ ଡାକରେ ଯୋଗ୍ୟ ବିବେଚିତ ହେବେ, ତାଙ୍କର ଅମାନତ ଟଙ୍କା କାର୍ଯ୍ୟଅବଧି ର ଶେଷ ମାସରେ ଫେରସ୍ତ ହେବ ଓ ଅନ୍ୟମାନଙ୍କ ର ଅମାନତ ଡିମାଣ୍ଡ ଡ୍ରାଫ୍ଟ ଗୁଡିକ ଫେରସ୍ତ ହେବ । ନିଲାମ ଗ୍ରହିତା ସର୍ବୋଚ୍ଚ ନିଲାମ ମୁଲ୍ୟ ରେ 25 ପ୍ରତିଶତ ଟଙ୍କା 29.04.2022 ରେ ନିମ୍ନ ସ୍ଵାକ୍ଷରକାରୀଙ୍କ ଠାରେ ଜମାଦେଇ ନିର୍ଦ୍ଧାରିତ ଚୁକ୍ତି ପତ୍ରରେ ସ୍ଵାକ୍ଷର କରିବେ ଏବଂ ବକେୟା ଟଙ୍କା ଆସନ୍ତା 31.05.2022 ସୁଦ୍ଧା ଡିମାଣ୍ଡ ଡ୍ରାଫ୍ଟ ଦ୍ଵାରା ପଇଠ କରି ରସିଦ ଗ୍ରହଣ କରିବେ । ଯଦି 31.05.2022 ସୁଦ୍ଧା ବକେୟାରାଶି ପଇଠନକରନ୍ତି କିମ୍ବା ଅନ୍ନଭୋଗ,ଶୁଖାଭୋଗ ଗୁଣବତ୍ତା ଉପରେ ଖିଲାପ କରନ୍ତି ତେବେ ଜମା କରିଥିବା 10% ଅମାନତ ରାଶି ସହିତ 25% ପ୍ରଥମ ଟଙ୍କା ବାଜ୍ୟାପ୍ତ କରାଯାଇ ତାଙ୍କ ନାମରେ ଥିବା ନିଲାମ ଟିକୁ ରଦ୍ଦ କରାଯିବ ଓ ପୁନଃ ଟେଣ୍ଡର ଆହ୍ଵାନ କରାଯାଇଁ ସର୍ବୋଚ୍ଚ ହାକକାରୀଙ୍କୁ ଦିଆଯିବ । ମାତ୍ର କୌଣସି ସ୍ଥଳେ ସରକାରୀ ଧାର୍ଯ୍ୟ ହୋଇଥିବା ମୁଲ୍ୟରୁ କମରେ ଦିଆଯିବ ନାହିଁ ।

ପ୍ରକାଶ ଥାଉକି ସର୍ବୋଚ୍ଚ ନିଲାମ ଗ୍ରହଣ କିମ୍ବା ନାକଚ କରିବା ଅଧିକାର କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି । ଏହି ନିଲାମ ର ଖିଲାପ କାରୀ ବ୍ୟକ୍ତି ମାନଙ୍କୁ ଦିଆଯିବ ନାହିଁ । ନିର୍ଦ୍ଧାରିତ ମୁଲ୍ୟ ଚୁକ୍ତିପତ୍ର ସମ୍ପାଦନ ସମୟରେ ଜଣାଇ ଦିଆଯିବ ।

ବି.ଦ୍ର-ସର୍ବୋଚ୍ଚ ନିଲାମଧାରୀ ଙ୍କ ମୁଲ୍ୟ ଯୁକ୍ତି ସଂଗତ ହେବା ଉଚିତ,ଅନ୍ୟଥା ଏହାକାର୍ଯ୍ୟକାରୀ ହେବ ନାହିଁ ।

# ନିଲାମ ହେବାକୁ ଥିବା ଉତ୍ସ ଗୁଡିକର ତାଲିକା

| କ୍ର.ନଂ | ଉତ୍ସର ନାମ | ମନ୍ଦିର | ଧାର୍ଯ୍ୟ ସରକାରୀ ମୂଲ୍ୟ | ଅମାନତ ରାଶି | ନିଲାମ ଅବଧି | ମନ୍ତବ୍ୟ |
|---|---|---|---|---|---|---|
| 1 | ନଡିଆ ଓ ଶୁଖା ଭୋଗ | ହରିଶଙ୍କର | 13,38,337/-- | 1,33,834/- | 2022-2023<br>ମେ 2022 ରୁ 31.03.2023 | ମୂଲ୍ୟଟ.30ଙ୍କାରେନଡିଆ,ଧୂପକାଠି,ଦୀପ,ସିନ୍ଦୁର ଓମୂଲ୍ୟ ଟ 30 ଙ୍କା ରେ ଅନ୍ୟାନ୍ୟ ଖଇ ,ଲଡୁ,ଗଜା ଇତ୍ୟାଦି। |
| 2 | ଅନ୍ନ ଭୋଗ | ହରିଶଙ୍କର | 8,29,587/- | 82,958/- | 2022-2023<br>ମେ 2022 ରୁ 31.03.2023 | ମୂଲ୍ୟ ଟ 60<br>ଙ୍କା ରେ ଉପଯୁକ୍ତ ମାନର ସରୁ ଅରୁଆ ଚାଉଳ (ସମନ,ବିପିଟି,ଏଚ ଏମ ଟି) ମୁଗଡାଲି,ଖିରି ରେ ବାସମତୀ ଚାଉଳ,(ସ୍ୱାଦିଷ୍ଟ),ଖଟା – ଋତୁ ଅନୁଯାୟୀ,ତରକାରୀ- ଋତୁ ଅନୁଯାୟୀ |
| 3 | ଟିକସ ଆଦାୟ | ହରିଶଙ୍କର | 4,30,837/-/- | 43,084/- | 2022-2023<br>ମେ 2022 ରୁ 31.03.2023 | |
| 4 | ଯାନବାହାନ ପ୍ରବେଶ ଓ ପାର୍କିଂ ଫି (ତିନି ଚକିଆ ରୁ ଉର୍ଦ୍ଧ) | ହରିଶଙ୍କର | 6,82,924/-/- | 68,293/- | 2022-2023<br>ମେ 2022 ରୁ 31.03.2023 | ଟ.100 ଙ୍କା ବସ ଟ50<br>ଙ୍କା ଚାରି ଚକିଆ ଟ.30 ଙ୍କା ତିନି ଚକିଆ |
| 5 | ମାଳି ଓ ଚୁଡି | ହରିଶଙ୍କର | 1,83,337/- | 18,334/- | 2022-2023<br>ମେ 2022 ରୁ 31.03.2023 | |
| 6 | ଚା ଓ ବିସ୍କୁଟ ଦୋକାନ | ହରିଶଙ୍କର | 50,424/- | 5,043/- | 2022-2023<br>ମେ 2022 ରୁ 31.03.2023 | |
| 7 | ବାହାର ଫଟୋଗ୍ରାଫି | ହରିଶଙ୍କର | 2,84,174/- | 28,418/- | 2022-2023<br>ମେ 2022 ରୁ 31.03.2023 | |
| 8 | ଦୁଇ ଚକିଆ ଯାନ ର ପାର୍କି ଫି | ହରିଶଙ୍କର | 1,37,500/- | 13,750/- | 2022-2023 | ଟ.10 ଙ୍କା |

ଉପ-ଜିଲ୍ଲାପାଳ -ତଥା-କାର୍ଯ୍ୟନିର୍ବାହୀ
ଅଧିକାରୀଦେବୋତ୍ତର ,ପାଟଣାଗଡ

ଜ୍ଞାପକ ସଂଖ୍ୟା. ...୧୧୫୨... ତା.....୧୩.୪.୨୦୨୨

ଏହାର ଏକକିତା ନକଲ ଦେବୋତ୍ତର କମିଶନର,ଓଡିଶା,ଭୂବନେଶ୍ୱର/ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ସମସ୍ତ ତହସିଲଦାର,ବଲାଙ୍ଗିର ଜିଲ୍ଲା/ସମସ୍ତ ଗୋଷ୍ଠିଉନ୍ନୟନ ଅଧିକାରୀ/ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,ବିଜ୍ଞାପିତ ଅଞ୍ଚଳ ପରିଷଦ,ବଲାଙ୍ଗିର ଜିଲ୍ଲା ତଥା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ ବୋର୍ଡରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ସହକାରୀ ମ୍ୟାନେଜର ହରିଶଙ୍କର ମନ୍ଦିର ଙ୍କ ଅବଗତି ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲଦାର,ଖପ୍ରାଖୋଲ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା,ଯେ ଉକ୍ତ ନିଲାମ ର ସମସ୍ତ କାର୍ଯ୍ୟ ସୁଚାରୁ ରୁପେ ସଂମ୍ପାଦନ କରିବାପାଇଁ ଅନୁରୋଧ କରାଗଲା ।

ଉପ-ଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ,
ପାଟଣାଗଡ